ମାଥା ।

ଶ୍ରୀ ଦାମୋଦର ମିଶ୍ର

ପ୍ରଣୀତ ।

PRINTED AT THE RAY PRESS,
CUTTACK.
1895.

ମୂଲ୍ୟ ଏକଅଣା ।

Digitized by PPRACHIN, SOA

ଭୂମିକା ।

ମାତାଙ୍କ ଆଦେଶାନୁସାରେ ମାତାକାବ୍ୟ ସରଳ ଗ୍ରାମ୍ୟଭାଷାରେ ଲେଖିଅଛୁ । ମାତ୍ର ଆଦେଶ ପାଳନ ବ୍ୟତୀତ କବିତାଛଟା ଦେଖାଇବା କିମ୍ବା ସୁଖ୍ୟାତି ଅର୍ଜ୍ଜନ କରିବା ପାଇଁ ଏ କାବ୍ୟ ଲେଖି ନାହିଁ । ଏକ ବର୍ଷ ହେଲା ଏହାର ରଚନା ଶେଷ କରି ନାନା ବିପତ୍‌ପାତ ଓ ଦାରୁଣ ଦରିଦ୍ରତା ଜବନ୍ଧନ ପ୍ରକାଶ କରି ପାରି ନ ଥିଲି । ସମ୍ପ୍ରତି ମୋହର ପରମହିତୈଷୀ ଉପଦେଷ୍ଟା କବିବର ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟ ମହୋଦୟଙ୍କ ଆନୁକୂଲ୍ୟ ପ୍ରାପ୍ତ ହୋଇ ଏହା ପୁସ୍ତିକାକାରରେ ପ୍ରକାଶ କଲି । ମାତାକାବ୍ୟ ପାଠକଙ୍କର କିଞ୍ଚିତ୍ ତୃପ୍ତି ସାଧନ କରି ପାରିଲେ ସମସ୍ତ ଶ୍ରମ ସଫଳ ବୋଧ କରିବି ।

ପରିଶେଷରେ ବକ୍ତବ୍ୟ ଏହି ଯେ, ମୋହର ପ୍ରିୟତମ ବନ୍ଧୁ କଟକ ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ **ଲାଲା** ରାମନାରାୟଣ

Digitized by PPRACHIN, SOA

ସ୍ୱପ୍ନ ପୁସ୍ତିକା ମୁଦ୍ରାଙ୍କନ କାଳୀନ ସଂଶୋଧନ କରୁ ଦେଇ ମୋତେ ଚିରକୃତଜ୍ଞତା-ପାଶରେ ଆବଦ୍ଧ କରି-ଅଛନ୍ତି । ଇତି ।

ଶ୍ରୀ ଦାମୋଦର ମିଶ୍ର
(ପଦ୍ୟାଳଙ୍କାର)

Digitized by PPRACHIN, SOA

ଶ୍ରୀ ଗୀତି ଭୂଷଣ ଗ୍ରନ୍ଥ [illegible] ଉପହାର

ଉତ୍ସର୍ଗ ।

ପୂଜ୍ୟପାଦ

ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ ଜ୍ୟେଷ୍ଠାଗ୍ରଜ
ମହୋଦୟ ଶ୍ରୀଚରଣକମଳେଷୁ

ପ୍ରଣତିପୂର୍ବକ ନିବେଦନମ୍

ମହାଭାଗ ! ଆପଣଙ୍କ ଚରଣରେ ମୁଁ ଅଶେଷ ବିଷୟରେ ଋଣୀ । ଆପଣ ବାଲ୍ୟକାଳରେ ଶିକ୍ଷାର ଯଥାସମ୍ଭବ ସୁବିଧା ପାଇ, ସ୍ୱକୀୟ ନୈସର୍ଗିକ ମନସ୍ୱିତାଦ୍ୱାରା ସେହି ସୁବିଧାରୁ ଅସାଧାରଣ ଫଳ ଲାଭ କରି, ଆପଣଙ୍କ ନବାବିଷ୍କୃତ ମାର୍ଗରେ ମୋତେ ଅନୁଯାତ୍ରୀ କରାଇଥିଲେ । ତେବେ ସୁକୃତରୁ ଆପଣଙ୍କ ପରି

"ଜ୍ୟେଷ୍ଠଂ ପୃଥେଗ୍ଜନ୍ମଭସ୍ତା ଗୁଣୈଷ୍ଟ"

ପ୍ରାପ୍ତ ଲାଭ କରିଥିବାରୁ ମୁଁ ଶିକ୍ଷିତସଂସାରରେ ବେଶ ଚଳିବାକୁ ସମର୍ଥ ହୋଇଅଛି । ଆପଣଙ୍କ ଶକ୍ତିର ସମୁଚିତ ପ୍ରତିଦାନ ଇହଜୀବନରେ ମୁଦ ଏବଂ ମୋହପରି ଅକ୍ଷମ ପକ୍ଷରେ ଶକ୍ତ

Digitized by PPRACHIN, SOA

ବ୍ୟତୀତ ଅନ୍ୟ ପ୍ରତିଦାନ ମଧ୍ୟ ଅସମ୍ଭବ ଅଟେ ।
ସେହି ଭକ୍ତିର ଚିହ୍ନସ୍ୱରୂପ ଏହି କ୍ଷୁଦ୍ର କାବ୍ୟକୁସୁମ
ଆପଣଙ୍କର ଶ୍ରୀଚରଣରେ ଅର୍ପଣ କଲି ।

ଦେବଦୁର୍ଗ
୯-୧-୯୫

ଆପଣଙ୍କର ସ୍ନେହଦାସ,
ଶ୍ରୀ ଦାମୋଦର ମିଶ୍ର ।

Digitized by PPRACHIN, SOA

'ମାତା' କାବ୍ୟ ସମ୍ବନ୍ଧେ ।

ଉତ୍କଳର ପ୍ରଧାନ କବି ଶ୍ରୀଯୁକ୍ତ ରାଧାନାଥ ରାୟ ମହୋଦୟଙ୍କର ମନ୍ତବ୍ୟ ।

'ମାତା'ର ପାଣ୍ଡୁଲେଖ୍ୟ ଅତ୍ୟନ୍ତ ମନୋଯୋଗ ସହିତ ମୁଁ ପଢ଼ିଅଛି । ଈଶ୍ୱର କୃପାରୁ ଆପଣଙ୍କର ପ୍ରତ୍ୟେକ ରଚନାରେ ଅଳ୍ପାଧିକ ସୌନ୍ଦର୍ଯ୍ୟ ଅଛି, ମାତ୍ର 'ମାତା' ଯୋଗଜନ୍ମା ରଚନା ମଧ୍ୟରେ ସ୍ଥାନ ପାଇବାର ଯୋଗ୍ୟ ।

ଆପଣ ନିଶ୍ଚୟ ଜାଣିବେ ମୁଁ 'ମାତା'ର ଉତ୍କର୍ଷ ସମ୍ବନ୍ଧେ ଅତ୍ୟୁକ୍ତି କରୁ ନାହିଁ । ଏଠାରେ ମୁଁ ଅନେକଙ୍କ ନିକଟରେ ମାତାର ପ୍ରଶଂସା କରିଅଛି । 'ମାତା' କାବ୍ୟରେ ପଦ୍ମ, କୁମୁଦ, ସୁଧାକର, ପ୍ରଣୟିର ଉଲ୍ଲାସ ଅଥବା ବିରହିର ହାହାକାର ନାହିଁ ସତ୍ୟ, କିନ୍ତୁ ପ୍ରକୃତିର ସୁନ୍ଦର ଚିତ୍ର ଯଥାଯଥ ଚିତ୍ରିତ ହୋଇଅଛି । ...କବି ତାହା ଲେଖିଥିଲେ ଆପଣାକୁ ଭାଗ୍ୟବାନ୍ ମଣିଥାନ୍ତେ । * * *

Digitized by PPRACHIN, SOA

ଅବିରସ ନ ଥାଇ ସୁଦ୍ଧା 'ମାତା'ର ରଚନା କେଡ଼େ ମଧୁର ହୋଇଅଛି । ଅବିରସରେ ଲେଖକମାନଙ୍କର ଅଧିକ ପ୍ରତ୍ୟୃଗୀ ହେବାର ଉଚିତ ନୁହେଁ । ଅବିରସରେ ବିଶେଷତଃ ମୋଟା ଅବିରସରେ ରଞ୍ଜିଙ୍କୁ କେହି ଅତିକ୍ରମ କରି ପାରିବେ ନାହିଁ ।

ବାଗ୍‌ଦେବୀ ବାସ୍ତବିକ ଆପଣଙ୍କ ପ୍ରତି ପ୍ରସନ୍ନା । ଆପଣ ଯେଉଁ ପ୍ରଶସ୍ତ ମାର୍ଗ ଧରିଅଛନ୍ତି କେବଳ ଅତି ବିସ୍ତୃତ ବର୍ଣ୍ଣନ ଦୋଷ ପରିହାର କରି ପାରିଲେ ଉତ୍କଳ କବିମାନଙ୍କ ମଧ୍ୟରେ ଅଗ୍ରଣୀ ହୋଇ ପାରିବେ ।

୮ । ୯ । ୯୪
କଟକ

ଶ୍ରୀ ସୁଧାନାଥ ଗୁପ୍ତ ।

ମାତା ।

ମାତା ନାମ କେତେ ମଧୁର
ଏହି ଧରଣୀ ତଳେ,
ବର୍ଣ୍ଣିନେ ଯାହାର ମହିମା
କବି ରଚନା ବଳେ ।
ସ୍ୱଜନର ଆଶା ବହନ୍ତି
ଯେତେ ନର ଏ ଭବେ,
ତୁଳନା କି ଅହା କାହାରୁ
ମାତା ସଙ୍ଗେ ସମ୍ଭବେ ।
ପୁତ୍ର କନ୍ୟା ଲାଗି କଷଣ
ଯେତେ ପାଏ ଜନନୀ,
ସହିଷ୍ଣୁପଣକୁ ତା ସମେ
କେବା ଅଛୁ ଅବଣୀ ।

Digitized by PPRACHIN, SOA

କେତେ ଦେବ ଦେବୀ ସେବନ୍ତି
କରି ପୁତ୍ରକାମନା,
ପୂଜନ୍ତି ବାଲୁକା-ଶଙ୍କର
ହୋଇ ଉଦ୍ଗତମନା ।
ଯଥାକାଳେ ଯେତେ ହେଲେହେଁ
ଗର୍ଭକଷ୍ଟେ ବିକଳ,
ପୁତ୍ର ଆଶା ହୃଦେ ବହିଣ
ପାଶୋରନ୍ତି ସକଳ ।
ଅହା ! ଯେ ଦୁଃଖକୁ ଦେଖିଲେ
ନେତ୍ର ହୁଅଇ ବୁଜି,
କେ ଅଛୁ ସଂସାରେ ଯେ ଋଣ
ତିଳେ ପାରବ ସୁଝି ।
କହିଲେ ନ ସରେ ଯେ ହର୍ଷ
ଯେବେ ଜନ୍ମେ ସନ୍ତାନ,
ଭୁଲି ଯାନ୍ତି ମାତା ମନରୁ
ଗର୍ଭକଷଣମାନ ।

Digitized by PPRACHIN, SOA

କେତେ ଦେବ ଦେବୀ ସ୍ମରଣ
କରୁଥାନ୍ତ ବିନତି,
"ରଖ ମା ପଣନ୍ତ ଯୋଡ଼ାଇ
ମୋର ନେତ୍ରସମ୍ପତ୍ତି ।
କର ଦେବି ସ୍ୱର୍ଣ୍ଣତିଳକ
ଦେବି ରୂପାର ଅକ୍ଷି,
ଅମୃତଦୃଷ୍ଟିରେ ଚାହିଁଥା
ମୋର ପୁତ୍ରେ କାମାକ୍ଷି ।
ଦୁଃଖିର ଦୁରତନାଶନ
ଅହେ କୃପାସାଗର,
ରଖ ପ୍ରଭୁ ପଣ୍ଣ ଯୋଡ଼ାଇ
ଦୁଃଖିଧନେ ମୋହର ।
ତୁମ୍ଭ କୃପା ହେଲେ ହୋଇବ
ଏ ମୋ କୁଳଚନ୍ଦ୍ରମା,
ଅଭାଗିନୀ ନାରୀ ଜଣାଏ
ଦୋଷ କରବ କ୍ଷମା" ।

Digitized by PPRACHIN, SOA

ମାତା ମନେ ଅନ୍ୟ ଭାବନା
ଆଉ ଥିଲେତ ନାହିଁ,
କେବେ ଖେଳ ଲକ୍ଷ୍ୟ ଯାଚନ୍ତି
ପୁତ୍ର ମଙ୍ଗଳ ପାଇଁ ।
ଅଳ୍ପଉଷ୍ଣଜଳେ କରାଇ
ଶୀଘ୍ର ଅଙ୍ଗମାର୍ଜ୍ଜନ,
କୋମଳଶଯ୍ୟାରେ ଶୁଆନ୍ତି
କରି କେତେ ଯତନ ।
ବାରବାର ଶିରଶ୍ଚୁମ୍ବନ
କରୁଥାନ୍ତି କି ସୁଖେ,
ସ୍ନେହ ଅବଷ୍ଟନ ମୁ ତାହା
କହି ବର୍ଣ୍ଣିବି ମୁଖେ ?
ଅଣୁରକ୍ଷ ଦେଇ ତନୟ
କରୁଥିଲେ ଭ୍ରମଣ,
ହେଉଥାଏ ଦେଖି ମାତାର
ମନ କେତେ ପ୍ରସନ୍ନ !

Digitized by PPRACHIN, SOA

ଅଶ୍ରୁ ଦେଖିଣ ପୁତ୍ରଙ୍କୁ
ଘୃଣା ନାହିଁ କହିତ,
ମାତା ବିନା ଘୃଣା ବିହୀନ
କହ କାହାର ଚିତ ?
ବାର ବାର ପାନ କରନ୍ତି
ଦୁଗ୍ଧ କେତେ ବଳାଇ,
ସୁନ୍ଦରପଣେ ମା-ନୟନେ
ସୁତ ତୁଳନା କାହିଁ ?
ସ୍ନାନ ପାନ ପୁଣି ଅହାରେ
ସାବଧାନ ସତତ,
ସଦା ଏ କାମନା, ନ ହେଉ
ପୁତ୍ର ଦୁର୍ଦ୍ଦଶାଗ୍ରସ୍ତ ।
'ମା' 'ମା' ବୋଲି ଧୀରେ ଶୁଣିବା
ସୁଖ କେ ପାରେ କହି ?
ଭବେ ଭଗବତୀ ମୋ ସମେ
ଅଉ ନାହାନ୍ତି କେହି ।

Digitized by PPRACHIN, SOA

ବେନ ପାଦେ କ୍ଷୁଦ୍ର ଘାଗୁଡ଼ି
ତାର ସଙ୍ଗେ ଘୁଙ୍ଗୁର,
ରୁଣୁ ଝୁଣୁ ପାଦେ ବାଜଇ
କତ ଶବ୍ଦ ମଧୁର ।
ରଙ୍ଗ ପାଟଫୁଲି ଦେଇଣ
ବାନ୍ଧିଥାନ୍ତ ଚୂଳକୁ,
ମାନୁଥାଏ ଝୁମ୍ପି ଦୋହଲି
ପଡ଼ି ଗଣ୍ଡସ୍ଥଳକୁ ।
ବିମଳ ବଦନୁଁ ଅସ୍ଫୁଟ
ଧ୍ୱନି ହେଲେ ବାହାର,
ଘବେ ମୁଖ-ଚନ୍ଦ୍ରୁ ଖସୁଛ
ସତେ ଅମୃତଧାର ।
ହସି ହସି ପୁତ୍ର ଧାଆଇଁ
ଯେବେ ମାଉ କୁହାଟ,
'ନାଚ ତାତା ଥେଇ' ବୋଲିଣ
କେତେ କରନ୍ତ ନାଚ ।

Digitized by PPRACHIN, SOA

କେତେ କଉତୁକ ଜାଣନ୍ତି
ପୁତ୍ର ପାଇଁ ଜନନୀ,
ନ ମିଳବ ଜଣେ ସେପରି
ଖୋଜି ଗଲେ ଅବନୀ ।
ବୀରବେଶ ରଙ୍ଗିଗୃହିଣୀ
ମାର ପାଇକଟଣ୍ଡ,
ଖେଳବାର ଦେଖି ନନ୍ଦନେ
ମାତା ପ୍ରେମେ ଅଧୀର୍ଣ୍ଣ ।
ହୃଦୟ-ଆନନ୍ଦ-ସମୁଦ୍ରେ
ଉଠି ପ୍ରେମ-ଲହରୀ,
ଉଚ୍ଛ୍ୱସିତ ହୋଇ ପଡ଼ଇ
ବେନି ନୟନୁ ଝରି ।
କେତେବେଳେ କୋଳେ ବସାଇ
କହୁଥାନ୍ତି ବଚନ,
ସତେ ତ କୁଳକୁ କାରଣ
ହେବୁ ରେ ଦୁଃଖୀଧନ ?

Digitized by PPRACHIN, SOA

ତୁ ମୋର ନୟନପଙ୍ଖାଳୀ
ଅରେ ହୃଦ-ରତନ,
ଦୁଃଖିନୀ ଅବଳା ବାଳାର
ବାପୁ, ସର୍ବସ୍ୱଧନ ।
ବିସ୍ମରୁଛି ମନେ ଦେଖି ତୋ
ଶୁଭ୍ର ଚନ୍ଦ୍ରବଦନ,
ହୋଇବି କାରଣ, ବତ୍ସ ରେ
ଯେବେ ଯିବ ଜୀବନ ।
ଝୋଡି ଝୁଡି ଦିଅ ତୋ ଦେହେ
ଦୁଃଖ ଅଛୁ ରେ ଯାହା,
ସର୍ବଶୁଭେ ଥାଉ ଅନାଇଁ
ତୋତେ ଗଉରୀ-ନାହା ।
ସ୍ନେହଉତ୍ତରଳେ ଏସନ
ମାତା ଭାଲନ୍ତି ଯେତେ,
ଲେଖନୀ-ମୁଖରେ ଲେଖିଣ
ମୁ ତା କହିବି କେତେ ?

Digitized by PPRACHIN, SOA

ନ ଡରବ ବୋଲି ଡଉଁଶ୍ୱ
କେତେ ଭୁଜରେ ଦୋଳେ,
ଭାବନା ନ କର ଦିଅନ୍ତି
କଳାବିନ୍ଦୁ କପାଳେ ।
ଶୋଭୁଥାଏ କ୍ଷୀଣକଣ୍ଠୀରେ
ପୋଇଙ୍କୃନ୍ଧିଅ ମାଳୀ,
କଣ୍ଠେ ଘୋଡାବାଲ ବାନ୍ଧନ୍ତି
କେତେ ପୂଜନ୍ତି କାଳୀ ।
କାହାକୁ ନଡିଆ କାହାକୁ
ଦୁଧ ଲିଅ ଯାଚନ୍ତି,
ବିଲ୍ୱପତ୍ର ପୁଣି ଚାଉଳ
ଦେଇ ଶିବ ସେବନ୍ତି ।
ନ କରନ୍ତି କେବେ ଭୟରେ
ପୁଚ୍ଛେ ବେଶ ଭୂଷଣ,
ଦେବ ଦେବୀ ପଦେ ସର୍ବଦା
ପଶୁଥାନ୍ତି ଶରଣ ।

Digitized by PPRACHIN, SOA

ଦୁର୍ଦ୍ଦୈବବଶରୁ ପୁତ୍ରକୁ
ଯେବେ ମାରେ 'ପିଚ୍ଛୁଳା',
ଭଲ କରିବି ବୋଲି ଜନନୀ
ହୋଇ ଯାନ୍ତି ବାଉଳା ।
ଗୌରୀ ପଦେ କରି ଭରସା
ନିତିଷ୍ଠୁରତୀ ଭଣି,
ଦେବୀ-ରୋଗ ପାଇଁ ରଙ୍ଗନ୍ତି
କାଢ଼ି ନାୟାବଶାଣୀ ।
ବଡ଼ା, ରଙ୍ଗବାଉ, ଅଲଗୀ
ଆଦି ବିବିଧ ରୋଗ,
ହେଲେ ମରିଯାଏ, ଦର୍ଶନେ
ମାତା ସକଳରୋଗ ।
ଖୋଜିଣ ଔଷଧ ବୋଲନ୍ତି
କାନ୍ଦି, କଷ୍ଟୁର ବିଧି !
ଯୋଗାଏ କଷ୍ଟଇଲୁ, ଏ ଦଣ୍ଡେ
ମୋର ଅଞ୍ଚଳନିଧି ।

Digitized by PPRACHIN, SOA

ଖୁଆଦଣ୍ଡେ ଦଧିମନ୍ଥନ
ପ୍ରାୟେ ମାତା ହୃଦୟ,
ଦୁଃସହ କଷଣେ ନରତେ
ହେଉଥାଏ ଅଥୟ ।
ଅହା ରେ ! ! ଅକାଳେ ତନୟ
ଯେବେ ତେଜେ ଜୀବନ,
ଆଶା-ପାଟଡୋର୍ ମାତାର
ଛିଡିଯାଏ ବନ୍ଧନ ।
ହୃଦେ ବିନ୍ଧି ହୁଏ ଦୁଃଖର
ଖାସ ଛୁରୀ ଅମୂଳ,
ଭୀଷଣ-ଅବର୍ତ୍ତ ମଧ୍ୟେ
ହୃଦ ହୁଏ ବ୍ୟାକୁଳ ।
କେତେ ଶୋକ ଅହା !! କରନ୍ତି
ଶିର ପ୍ରହାର ଶିଳେ,
ଘରର ନାହିଁ ସେ ଦୁଃଖଟି
ମଣ୍ଡୁଯାଏ ଟୁଇଲେ ।

Digitized by PPRACHIN, SOA

ମାତା ।

ଦଣ୍ଡେ ନ ଦେଖିଲେ ପୁତ୍ରଙ୍କୁ
ମାତା କେତେ ଅକୁଳ,
ତିଳେ ଦୁଃଖ ଦେଖି ଚିତ୍ତରୁ
ବେଦନାରେ ଦୁକୁଳ ।
ସ୍ୱଚ୍ଛମାର୍ଗେ ଯେବେ ତନୟ
ବାଳ ସଙ୍ଗ ମେଳରେ,
କୋଠି କୋଠି କର ତୋଳିଣ
ଘର ଧୂଳିଖେଳରେ ।
ଧୂଳିରେ ବ୍ୟଞ୍ଜନ ଧୂଳିରେ
ଅନ୍ନ ହର୍ଷେ ସଜାଡି,
ମିଛି ଖାଉଥାଏ ଦେଇଣ
ସଙ୍ଗ ବାଳଙ୍କୁ ବାଢ଼ି ।
ସେ ଖେଳ ଜନନୀ ନୟନେ
ଯେବେ ପଡ଼ଇ ଥରେ,
ଶତ ବଇକୁଣ୍ଠ ସମ୍ପଦ
ଲୋଟେ ପଦତଳରେ ।

Digitized by PPRACHIN, SOA

ଘରକୁ ଫେରଲେ ତନୟ
ହୋଇ ଧୂଳି ଧୂସର,
ତାଙ୍କ ତାଙ୍କ ମାତା କହନ୍ତି
ଛୀଡିବାଣୀ ବିସ୍ତର ।
ଆସ ବାପ କଳାମାଣିକ
ଆସ ମୋ କୋଳେ ଧାଇଁ,
ନ ଖାଇ ନ ପିଇ ଦାଣ୍ଡରେ
ବୁଲୁଅଛୁ କହଁାଇ ।
ବୋଳଲେ ତୋ ଦେହେ କୁଙ୍କୁମ
କାନ୍ଦୁ କରୁଣ ରଡ଼ି,
କାହିଁପାଇଁ ତେବେ ଆସିଲୁ
କହ ଧୂଳିରେ ଗଡ଼ି ।
କେତେବେଳେ କୋଳେ ବସାଇ
ଧୀରେ ଧୀରେ ଝୁଲନ୍ତି,
କହୁଥାନ୍ତି ମୋର ଝୁଲ୍ ରେ
କଳା ଗୁଣ୍ଡୁଣୀହାଣ୍ଡି ।

Digitized by PPRACHIN, SOA

'କାଖ କର' ବୋଲି ତନୟ
ଯାଶେ କଲେ ଗୋଦନ,
କହନ୍ତ କାହିଁକି ଉଠ୍ୟେ
ହେଉ ମୋ ବାପ ଧନ ।
ଏ ଶୁଣି ନନ୍ଦନ କାନ୍ଦନ୍ତେ
ମାତା ପଣନ୍ତ ଧର,
ମୁଖେ ସ୍ତନ ଦେଇ କହନ୍ତ
ବାଣୀ ମଧୁର କର ।
"ବୁଝୁ ନାହୁଁ ବାପ ମୋ କଥା
ତୋତେ କହିଲି ଯେତେ,
କଲା ପାଠକାଛ ଅଣିଲେ
ଦେବି ନାହିଁ ମୁଁ ତୋତେ" ।
ନ ଖାଇଲେ ଘିଅ କହନ୍ତ
କେତେ ମତେ ଉତ୍ତର,
ଥାଳୀରେ ସଜାଡି ଖୁଆନ୍ତ
ଦାର ବାଡ଼ୀ ବ୍ୟଞ୍ଜନ ।

Digitized by PPRACHIN, SOA

କବାଟକୋଣରୁ ବାହାରି
କୋଳ ଧରି ନେଇଯା,
ପିଅ ଡାଲି ଭାତ ଯେତେକ
ଅଛି ସବୁ ଖାଇଯା ।
ଜଞ୍ଜାଳଣ୍ଟା ହୋଇ ନ ଖାଏ
କାନ୍ଦେ ପଣନ୍ତ ଧରି,
ଆସ ରେ ଦାଡ଼ିଆ ବାବାଜି •
ନ୍ୟାକୁ ନେଇଯା ଧରି ।
ଏହା ଶୁଣି ପୁତ୍ର କରଇ
ବେଗ ବେଗ ଭୋଜନ,
ମାତା ବିନା କିଏ କରିବ
ପୁତ୍ରେ ଏତେ ଯତନ ?
ଦେଖାଇବ ସ୍ନେହ ଅତୁଳ
କିଏ ଜନନୀ ପରି ?
କେ ବର୍ଣ୍ଣିବ ତାର ମହିମା
ନର ଶରୀର ଧରି ?

Digitized by PPRACHIN, SOA

କ୍ରମେ କ୍ରମେ ପାଞ୍ଚ ବରଷ
ଗତ ହୁଅଇ ଯହୁଁ,
ପାଠ ପଢ଼ିବାକୁ ପଠାନ୍ତି
ଚଟଶାଳୀକି ତହୁଁ ।
କେତେ ଉପଦେଶ ଦିଅନ୍ତି
ଦେଇ ସ୍ନେହ ଚୁମ୍ବନ,
"ପାଠ ପଠନରେ ଅଳସ
ନ କରିବୁ ମୋ ଧନ ।
ନିତି ନିତି ଉଠି ପ୍ରଭାତୁଁ
ଯିବୁ ଚଟଶାଳୀକି,
ଭୟ ନ କରିବୁ ବାବୁ ରେ
କେବେ ମାଡ଼ ଗାଳିକି ।
ପଢ଼ିଲେ ହୋଇବୁ ପଣ୍ଡିତ
କେତେ ସୁଖ ପାଇବୁ,
ରାମ, ଶ୍ୟାମ ସହ ଦାଣ୍ଡରେ
ବସି ଗୀତ ଗାଇବୁ ।

Digitized by PPRACHIN, SOA

ଶୁଣି ତୋର ଗୀତ ପ୍ରଶଂସା
କରୁଥିବେ ସମସ୍ତେ ,
ନ ପଢ଼ିଲେ ମୂର୍ଖ ହୋଇବୁ
ନିନ୍ଦା ହେବ ଜଗତେ" ।
ନବୀନ ଯୌବନେ ପ୍ରବେଶ
ଯେବେ ହୁଏ କୁମାର,
ଦରଶନେ ପୁତ୍ରବଧୂର
ମନ ବଳେ ମାତାର ।
ବିବାହ ହୁଅନ୍ତେ କୁମାର
ମାତା ଅନନ୍ଦ ଯେତେ,
ଲେଖି, ଲେଖନୀରେ ଚିତ୍ରିବ
ସେଦି ଛବି ମୁଁ କେତେ ?
ଗଣିବାକୁ ନଭେ ତାରକା
ଯେବେ ହେବ କ୍ଷମତା,
ଧନ୍ୱରଙ୍କ ସ୍ୱଣି ଗଣନେ
ଯେବେ ଥିବ ଯୋଗ୍ୟତା ।

Digitized by PPRACHIN, SOA

କେ ଯେବେ ସକ୍ଷମ ସାଗର
ଲଙ୍ଘିଣିବ ସନ୍ତରି,
ବିଶାଳ ପର୍ବତ ବହିବ
ଅବା ମସ୍ତକୋପରି ।
ହେଲେହେଁ ଏ ସବୁ ସମ୍ଭବ
ମାୟା ଗୁଣନ୍କର,
କହିବାକୁ ମର୍ତ୍ତ୍ୟେ କେ ଅଛି
ନରେ ଏପରି ନର ?
ଜୀବ, ଜନ୍ତୁ, ପକ୍ଷୀ, ପତଙ୍ଗ
ଯେତେ'ଛନ୍ତି ଜଗତେ,
ବ୍ୟାପିଛନ୍ତି ବିଶ୍ୱସଂସାର
ମାୟାଠାରୁ ସମସ୍ତେ ।
ଅଖିଳ-ଜଗତେ ଦେଖ ହେ
ମାୟା ଗୁଣ ପ୍ରବଳ,
ବୁଝ ହେ ସୁବିଜ୍ଞ ମାନବେ
କେଡ଼େ ବିଧିକୌଶଳ ।

Digitized by PPRACHIN, SOA

ଜଗତ ସମ୍ଭବ ନୁହନ୍ତା
ମାତା ବିନା ସଂସାରେ,
କେ କାହୁଁ ପ୍ରଭବ ଦେଖନ୍ତା
କବା କେହିଁ ପ୍ରକାରେ ?
ଆଦିସୃଷ୍ଟି କାଳୁଁ ତାହାକୁ
ସୃଜିଅଛନ୍ତି ବିଧି,
ଜନନୀ ନୁହେ ସେ ପ୍ରାଣୀର
ଅଟେ ସର୍ବଗୁଣନିଧି ।
ସଂସାରର ଯେତେ ସଦ୍‌ଗୁଣ
ମାତା ଗର୍ଭେ ପୂରିଛି,
ଖୋଜିଲେ ସୂକ୍ଷ୍ମ ଜଗତେ
ତାହାଠାରୁ ସରଛି ।
ତା ପରି କରୁଣାପ୍ରତିମା
କାହିଁ ଅଛି ସଂସାରେ ?
ତା ସମେ କେ ଅଟେ ବନ୍ଦନ
ପୁତ୍ର କନ୍ୟା ମାଧ୍ୟରେ ।

Digitized by PPRACHIN, SOA

ଦୁଃଖ, ସୁଖ, ଏକ ପର୍ଯ୍ୟ
ଏକା ମଣେ ଜନନୀ,
ସହିବାକୁ ଦୁଃଖ ତାପର
ଭଏ ଅଛୁ ଅବନୀ।
ଅହା! ତାର ଅଙ୍ଗ କି ଦ୍ରବ୍ୟେ
କେଉଁ ପରି ଗଠନ,
ବିଶ୍ୱର କି ସ୍ଥିର କରବ ?
ଛର ଅଜ୍ଞାନ ଜନ।
ମାତାହୃଦ ସମ ତୁଳନା
ଦେବି କି ଅଛୁ କହ ?
ନବନୀତଠାରୁ କୋମଳ
ଯାର ଅଟେ ହୃଦୟ।
ଗାମ୍ଭୀର୍ଯ୍ୟେ ସାଗର ସମାନ
ସହ୍ୟଗୁଣେ ପର୍ବତ,
ସ୍ୱଷନ୍ତ ଅମୃତବଚନ
ଘନ ବରଷା ମତ।

Digitized by PPRACHIN, SOA

ଦେବ-ଦେବୀଠାରୁ ଯେ ମାତା
ପୂଜାଯୋଗ୍ୟା ଏ ଭବେ,
ତାଙ୍କୁ ଅବହେଳି ପଡ଼ିବ
ନାହିଁ କଏ ରୌରବେ ?
ପୁତ୍ର ଲାଗି ଯେଉଁ ଜନନୀ
ଦେଇ ପାରେ ଜୀବନ,
ରେ ନବୋଧେ ! କପାଁ ତାହାର
ସେବୁ ନାହିଁ ଚରଣ ।
କେ ତୁମ୍ଭର ପ୍ରାଣ ରଖିଲା ?
ଥରେ କର ବିଚାର,
ତଦ୍ଗତଚିତ୍ତରେ ପୂଜ ହେ
ପାଦପଦ୍ମ ତାହାର ।
ଜନନୀ ସେବାରୁ ନୁହଇ
ବଡ଼ ସ୍ୱର୍ଗସମ୍ପଦ ;
ଗତି ମୁକ୍ତି ଧନ ଲଭିବ
ସେବ ସେବ ତା ପଦ ।

Digitized by PPRACHIN, SOA

କୃତଜ୍ଞ ହୋଇଣ କରଜେ
କହ ବିନମ୍ରବାଣୀ,
ସେବା କର ମହାଆନନ୍ଦେ
ମାତା ମାନସ ଜାଣି ।
ମାତା ଋଣଶୁଝି ପାରୋର
କେତେ ପିଶୁନ ଜନ,
କରୁଛନ୍ତି ମାତା ଉପରେ
ବାଣୀ-ବାଣ ବର୍ଷଣ ।
କେହି ବା ଦେଉଛ ମାତାକୁ
ପୂରୁଁ କର ବାହାର,
ଅରେ ମୂଢ଼ ମନେ ନ ଘେନ
ଉପକାର ତାହାର ।
କେଉଁ ପୁତ୍ର ପଦ ପ୍ରହାର
କର ଜନନୀ ଶିରେ,
ଶତ୍ରୁ ବକ୍ଷ ତାର ପଡ଼ିବ
କରେ ନୟନ-ନୀରେ ।

Digitized by PPRACHIN, SOA

କାହିଁ ମାତା ପୁତ୍ର ଉତ୍ପାତେ
ମରେ ଖାଇଣ ବିଷ,
ଶୁଣିଲେ କାହାର ବେଦନ
ଦ୍ରବି ଯିବ ଭୁବନ ।
କାର ଯୋଗ୍ୟପୁତ୍ର ମାତାକୁ
ଘରୁ ଦେଇଣ ଠେଳି,
ପୋଇଲୀ ହାତରେ ଦିଅଏ
ଦିନ ଦିନକୁ ପଡ଼ି ।
ସମର୍ପି ଦିଅଇ ପୋଇଲୀ—
ହାତେ ଭଣ୍ଡାର ଗୃହି,
ବନ୍ଧ ଯାଏ ଘର୍ ପୋଇଲୀ
ଦାବୀ ଜନନୀ-ଦାବୀ ।
ଛି ଛି ଲଜ୍ଜା କଥା ଏ ସିନା !
ପୂଜା କରୁବ ଯାକୁ,
ପୋଇଲୀ-କଥାରେ ନିର୍ଦ୍ଦୋଷେ
ଦଣ୍ଡ ଦେଉଛ ତାକୁ ।

Digitized by PPRACHIN, SOA

ତ୍ରିଦିବ-ବନ୍ଦିତା ମାତା ଗୋ
ମୁଁ ତୋ ଅଯୋଗ୍ୟ ସୁତ,
ହତଭାଗ୍ୟ ପାଇଁ ପାଇଛୁ
ମାଗୋ କଷ୍ଟ ବହୁତ ।
ସେବା କରୁ ନାହିଁ ଦିନେ ଗୋ
ପାଦପଦ୍ମ ତୋହର,
କରୁଣାମୟୀ ତୁ ସଦୟେ
ଦୋଷ ମାର୍ଜନା କର,
ସଦା ଅପରାଧୀ ଅଟଇ
ତୋର ଶ୍ରୀପଦେ ମୁହିଁ,
ଲକ୍ଷେ ଦୋଷ ପାଦେ କଲେହେଁ
କ୍ଷମା କରବୁ ତୁହି ।
ହାତ ଯୋଡି ମା ଗୋ ମାଗୁଛୁ
ରଖିଥିବୁ କରୁଣା,
ଅଜ୍ଞାନ ବାଳୁତ ଉପରେ
ସ୍ନେହ ନ କର ଊଣା ।

Digitized by PPRACHIN, SOA

ଯେତେ ଯେତେ ମା ଗୋ କରୁ ଛୁ
ମୋର ହିତକାମନା,
ଶେଷ ନ ହୋଇବ କଲେ ମୂ
ଷଡଗ୍ରନ୍ଥେ ରଚନା ।
ଯୋଡି କର ପଡି ଚରଣେ
କରୁଅଛୁ ପ୍ରଣତି,
ସନ୍ନେହେ ରଖିଥା କରୁଣା
ଦୀନ ଅଧମପ୍ରତି ।

Digitized by PPRACHIN, SOA